# ବଂଶଧାରା
# Bansadhara
## କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣପୁର, ଓଡିଶା
## KRISHI VIGYAN KENDRA, RAYAGADA, GUNUPUR, ODISHA

ଊନବିଂଶ ସଂସ୍କରଣ | ତ୍ରୈମାସିକ ସମାଚାର ପତ୍ର | ପତ୍ରିକା ସଂଖ୍ୟା : ୨୦୨୪।୨ (ଦ୍ୱିତୀୟ ଓ ତୃତୀୟ ସଂଖ୍ୟା)


## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ, କୃଷକ କ୍ଷେତ୍ରରେ ପରୀକ୍ଷଣ, କ୍ଷେତ୍ର ପରୀକ୍ଷଣ, ଯୋଗ୍ୟତା ବୃଦ୍ଧି ତାଲିମ ଇତ୍ୟାଦିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ଦ୍ୱାରା ଚାଷୀ ଭାଇ ଓ ଭଉଣୀମାନଙ୍କ ପାଖରେ ଉନ୍ନତ ବିହନ କିସମ ଓ ଜ୍ଞାନ କୌଶଳ ପହଞ୍ଚାଇବାର ନିରନ୍ତର ଓ ପ୍ରଶଂସା ଯୋଗ୍ୟ ଉଦ୍ୟମ ଜାରି ରହିଛି। କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ଥିବା ଜିଲ୍ଲାର ସଂପ୍ରସାରଣ ଅଧିକାରୀ, ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀମାନଙ୍କ  ନିମନ୍ତେ ସୂଚନା ଓ ପ୍ରେରଣାର ଉତ୍ସସାଜିଛି 'ବଂଶଧାରା'। 'ବଂଶଧାରା' ର ଊନବିଂଶତମର ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ।

ଆଶା କରୁଛି, ଏହି ସଙ୍ଖ୍ୟାନ କୃଷି ସହ ପୂର୍ଣାଙ୍ଗ ଭାବେ ଜଡିତ ବ୍ୟକ୍ତି ବୃନ୍ଦମାନଙ୍କ ନିକଟରେ ସଫଳତାର ସହ ରୂପାୟନ ହୋଇପାରିବ ।

ପ୍ରସନ୍ନଜିତ୍ ମିଶ୍ର
ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ସଂପାଦକୀୟ



କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣୁପୁରରୁ  ପ୍ରକାଶିତ ତ୍ରୈମାସିକ ସମାଚାର ପତ୍ରିକା "ବଂଶଧାରା" । ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ଗ୍ରାମ୍ୟ ଯୁବ ଗୋଷ୍ଠୀ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ସଂପ୍ରସାରଣ ଅଧିକାରୀ, କ୍ଷେତ୍ର କର୍ମଚାରୀମାନଙ୍କୁ ନୂତନ ତଥା ବୈଷୟିକ ଜ୍ଞାନକୌଶଳ ଓ କୃଷି ସମ୍ବନ୍ଧୀୟ  ବିଭିନ୍ନ ତଥ୍ୟ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ତାଲିମ କାର୍ଯ୍ୟକ୍ରମ, ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ, କ୍ଷେତ୍ର ପରୀକ୍ଷଣ, ସଂପ୍ରସାରଣ କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ଏହା  ଆଲୋକପାତ କରିବ । ଏହି ସମାଚାର ପତ୍ରିକାକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏହି ସମାଚାର ପତ୍ରିକା ରାୟଗଡା ଜିଲ୍ଲାର  ଅଗଣିତ କୃଷକ ଭାଇ ଓ ଭଉଣୀମାନଙ୍କୁ  ନୂତନ ଦିଗଦର୍ଶନ ଦେଇ ପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ସୁସ୍ମିତା ମହାନ୍ତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣୁପୁର

## ଊନବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡାର ଊନବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଗତ ତା ୧୬.୦୨.୨୦୨୪ ରିଖ ଦିନ  କେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତବୈଠକରେ କୃଷି ଓ ବୈଷୟିକ  ବିଶ୍ୱବିଦ୍ୟାଳୟ  ଅଧିନସ୍ଥ କୃଷି ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉପସ୍ଥିତ ସଦସ୍ୟମାନଙ୍କୁ ଉପଦେଷ୍ଟା ମଣ୍ଡଳୀ ବୈଠକର ଉଦ୍ଦେଶ୍ୟ, କୃଷି ବିଜ୍ଞାନ କେନ୍ଦ୍ରର ଆଭିମୁଖ୍ୟ, ମୁଖ୍ୟ ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ । ବୈଠକରେ କୃଷି ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସଂସ୍ଥା, କୋଲକତାର ମୁଖ୍ୟ ବୈଜ୍ଞାନିକ ଡା.କଲ୍ୟାଣ ସୁନ୍ଦର ଦାସ,ସହଯୋଗୀ ଅଧ୍ୟକ୍ଷ ଡକ୍ଟର ପି. କେ. ମହାନ୍ତି,କୃଷି ଓ ବୈଷୟିକ  ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ପ୍ରଫେସର ଜି. ଦାସ,ଜିଲ୍ଲାର କୃଷି ତଥା ଆନୁଷଙ୍ଗିକ ବିଭାଗର ବିଭାଗୀୟ ଅଧିକାରୀ ଓ ଚାଷୀ ସଦସ୍ୟ ଓ ସଦସ୍ୟା, ସମ୍ବାଦ ପ୍ରସାରଣ ସଂସ୍ଥାର ବନ୍ଧୁମାନେ ଯୋଗଦେଇସେମାନଙ୍କର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ । କେନ୍ଦ୍ରର ବରିଷ୍ଠବୈଜ୍ଞାନିକଓ ମୁଖ୍ୟ ଡକ୍ଟର (ଶ୍ରୀମତୀ) ସୁସ୍ମିତା ମହାନ୍ତି ବିଗତ ବର୍ଷରବି କାର୍ଯକ୍ରମ ଓ ଚଳିତ ବର୍ଷର କାର୍ଯ୍ୟକ୍ରମର ସଫଳତା ସହ ଆଗାମୀ ବର୍ଷର କାର୍ଯସୂଚୀ ଉପରେ ଆଲୋକପାତ କରାଇଥିଲେ।



## ଅଧିକ ଅମଳକ୍ଷମ ରାଶି କିସମର କ୍ଷେତ୍ର ପରୀକ୍ଷଣ



ରାୟଗଡା ଜିଲ୍ଲାରେ ତୈଳବୀଜ ଫସଲ ମଧ୍ୟରେ ରାଶି ଚାଷ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଅଛି। କିନ୍ତୁ ଉପଯୁକ୍ତ ଜ୍ଞାନକୌଶଳ ତଥା ଉନ୍ନତମାନର ବିହନର ଅଭାବ ଯୋଗୁଁ ଫସଲ ଅମଳ କମିବା ସହିତ ଚାଷୀମାନେ ଅପେକ୍ଷାକୃତ କମ ଲାଭବାନ ହୋଇଥାନ୍ତି। ତେଣୁ କୃଷି ବିଜ୍ଞାନ କେନ୍ଦ୍ର ରାୟଗଡା(ଗୁଣୁପୁର) ଦ୍ୱାରା ଗୁଡାରି ବ୍ଲକସ୍ଥିତ ଏଲ. ଏଲ. ପୁର ଏବଂ ଗୁଣୁପୁର ବ୍ଲକସ୍ଥିତ ପ୍ରାଧନିଗୁଡା ଗ୍ରାମର ସାତ ଜଣ ଚାଷୀଙ୍କ କ୍ଷେତରେ ରାଶି କିସମ ଶୁଭ୍ରା ଓ ସ୍ମାରକର କ୍ଷେତ୍ର ପରୀକ୍ଷଣ କରଯାଇଥିଲା। ଏହା ଦ୍ୱାରା ଉନ୍ନତ ରାଶି କିସମ ସ୍ମାରକରୁ ଚାଷୀମାନେ ହେକ୍ଟର ପ୍ରତି ୬.୧ କୁଇଣ୍ଟାଲ ଅମଳ ପାଇଥିବାବେଳେ ସେମାନଙ୍କର ସ୍ଥାନୀୟ ରାଶି କିସମରୁ ହେକ୍ଟର ପ୍ରତି ୪.୮କୁଇଣ୍ଟାଲ ଅମଳ ପାଇଥିଲେ । ଏତଦ ବ୍ଯତୀତ ଉନ୍ନତ କିସମ ସ୍ମାରକରେଫାଇଲୋଡି ରୋଗର ସହାନୀ ଶକ୍ତି ଥିବାରୁ ଚାଷୀଭାଇମାନେ ବିହନ ଭାବରେ ରଖି ଆଗାମୀ ବର୍ଷରେ ଚାଷ କରିବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## ମାଣ୍ଡିଆ ଫସଲରେ ବାଲୁଙ୍ଗା ଦମନ ପାଇଁ ଘାସମରାର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ




ଚଳିତ ବର୍ଷ ଖରିଫ ଋତୁରେ ରମାନାଗୁଡା ବ୍ଲକର ଆରମଡା ଗ୍ରାମ ଓ ଗୁଣୁପୁର ବ୍ଲକର ବଣ୍ଡିଙ୍ଗ ଗ୍ରାମରେ ଦଶ ଜଣ ଚାଷୀମାନଙ୍କୁ ନେଇ ମଣ୍ଡିଆ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି। ଏହି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଘାସମରା ବେନସୁଲଫୁରନମିଥାଇଲ ପ୍ରେଟିଲାକ୍ଲୋର, ହେକ୍ଟର ପ୍ରତି ୦.୬ କି. ଗ୍ରା. ହିସାବରେ ବୁଣିବାର ତିନି ଦିନ ମଧ୍ୟରେ ପ୍ରୟୋଗ କରାଯାଇଥିଲା ଏବଂ ତିରିଶ ଦିନ ପରେ 2, 4 – ଡିଇଥାଇଲ ଇଷ୍ଟର ହେକ୍ଟର ପ୍ରତି ୦.୫ କି. ଗ୍ରା. ପ୍ରୟୋଗ କରିବା ଦ୍ୱାରା ଚାଷୀମାନେ ଅପେକ୍ଷାକୃତ ୨୦% ଅଧିକ ଅମଳ ପାଇଥିଲେ।

## ସୁସଂହତ ଉପାୟରେ ବାଇଗଣର କାଣ୍ଡ ଓ ଫଲ ବିନ୍ଧା ପୋକ ପରିଚାଳନାର କ୍ଷେତ୍ର ପରୀକ୍ଷଣ



ବାଇଗଣ ଆମ ଅଞ୍ଚଳରେ ଏକ ମୁଖ୍ୟ ଏବଂ ପ୍ରଧାନ ପନିପରିବା । ଆମ ଜିଲ୍ଲାରେ ଏହି ପରିବା ଅଧିକାଂଶ ଚାଷୀମାନେ ଚାଷ କରିଥାନ୍ତି। କିନ୍ତୁ ବାଇଗଣ ଚାଷରେ କାଣ୍ଡ ଓ ଫଳ ବିନ୍ଧା ପୋକର ଆକ୍ରମଣ ଏକ ପ୍ରଧାନ ସମସ୍ଯା। ଚାଷୀମାନେ ଏହି ପୋକ ନିୟନ୍ତ୍ରଣ ପାଇଁ ରସାୟନିକ ଜୀବନାଶକ ପ୍ରୟୋଗ କରିଥାନ୍ତି ଫଳରେ ଅଧିକ ଖର୍ଚ୍ଚ ଯୋଗୁଁ ସଠିକ ଆଦାୟ ପାଇପାରିନଥାନ୍ତି। ଏହି ସମସ୍ଯାର ସମାଧାନ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ଚଳିତବର୍ଷ ଖରିଫ ଋତୁରେ କାଣ୍ଡ ଓ ଫଳ ବିନ୍ଧା ପୋକପରିଚାଳନା ନିମନ୍ତେ ରାମନାଗୁଡା ବ୍ଲକରପାଣ୍ଡ୍ରାଝୋଲି, ଶ୍ରୀରାମପୁର, ଗୁଗୁରପାଙ୍ଗ ଏବଂ ହାଡୁଗୁଡା ଗ୍ରାମରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା ।ଏହି କ୍ଷେତ୍ର ପରୀକ୍ଷଣରେ ନିୟମିତ ଭାବରେ ଆକ୍ରାନ୍ତ ଡାଳ ଓ ଫଳ ଛିଣ୍ଡେଇବା,ସଙ୍ଗରୋଧ ଯନ୍ତା ହେକ୍ଟର ପିଛା ୨୫ଟା,ପ୍ରତି ୨୦ଦିନ ଅନ୍ତରରେ ଆଜାଡିରାକ୍ଟିନ ୧୫୦୦ ପି.ପି.ଏମ., ପାଣି ଲିଟର ପ୍ରତି ୩ ମି. ଲି. ଭାବରେ ମିଶେଇ ସିଞ୍ଚନ, ବ୍ୟାସିଲାସ ଥୁରିଞ୍ଜିଏନସିସ, ଲିଟର ପ୍ରତି ପାଣିରେ ୨ ମି. ଲି ମିଶାଇ ପ୍ରତି ୩୦ ଓ ୪୫ ଦିନ ଅନ୍ତର ସିଞ୍ଚନ ଏବଂ କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫ %ଏସ ସି, ୧୦ ଲିଟର ପାଣିରେ ୨.୫ ମି. ଲି. ମିଶାଇ ଚାରା ଲଗେଇବା୍ ୬୦ଦିନ ପରେ ସିଞ୍ଚନ କଲା ପରେ ଆକ୍ରାନ୍ତ କାଣ୍ଡ ପ୍ରାୟ ୩୨% ଓ ଆକ୍ରାନ୍ତ ଫଳ ୨୬ % କମିବା ହେତୁ ୩୩.୪୯% ଅମଳ ବଢିଥିଲା।

## ଚିନାବାଦାମ ଫସଲର କାଣ୍ଡସଢା ରୋଗ ପରିଚାଳନାର କ୍ଷେତ୍ର ପ୍ରଦର୍ଶନ



ଚିନାବାଦାମ ଫସଲ ଆମ ଜିଲ୍ଲାରେ ଏକ ଅନ୍ୟତମ ଅର୍ଥନୈତିକ ତୈଳବୀଜ ଫସଲ । ତେଣୁ ଚାଷୀ କ୍ଷେତରେ ଏହାର ଉତ୍ପାଦନ ବଢେଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ରୋଗ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚିନାବାଦାମରେ ଲାଗୁଥିବା ରୋଗ ମଧ୍ୟରେ କାଣ୍ଡସଢା ରୋଗ ଦ୍ୱାରା ଅମଳ ପ୍ରାୟ ୨୫-୩୦% କମିଥାଏ । ଏହି କାଣ୍ଡସଡା ରୋଗର ସଠିକ ପରିଚାଳନା ସମନ୍ଧରେ ଚାଷୀମାନଙ୍କ ଅବଗତି ନିମନ୍ତେ ଗୁଣୁପୁର ବ୍ଲକର ପ୍ରଧାନିଗୁଡା, ରାମନାଗୁଡା ବ୍ଲକର ଗୁଲୁମୁଣ୍ଡା ଓ ଆରମଡା ଏବଂ ଗୁଡାରି ବ୍ଲକର ଏଲ.ଏଲ. ପୁର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୧୦ଜଣ ଚାଷୀଙ୍କ ନେଇ ଏକ କ୍ଷେତ୍ର ପ୍ରଦର୍ଶନର କରାଯାଇଥିଲା । ଚିନାବାଦାମ ବିହନ ବିଶୋଧନ ପାଇଁ କାର୍ବକ୍ସିନ ୩୭.୫%+ ଥିରାମ ୩୭.୫% ପ୍ରତି କିଲୋ ପ୍ରତି ୨.୫ ଗ୍ରାମ ପ୍ରୟୋଗ କରଯାଇଥିଲା ଏବଂ ଆର୍ଥିକ ଦେହେଳି ସୀମା ପରେ ପ୍ରତି ୧୫ଦିନ ଅନ୍ତରରେ କ୍ଲୋରୋଥାଲୋନୀଲ ୭୫% ଡବ୍ଲୁ ପି., ୧.୫ଗ୍ରାମ ପ୍ରତି ଲିଟର ପାଣିରେ ଏବଂ କାରବେନଡାଜିମ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଅଦଳ ବଦଳ କରିକି ସିଞ୍ଚନ କରଯାଇଥିଲା । ଏହାଦ୍ୱାରା ଚାଷୀଙ୍କ କ୍ଷେତରେ ହାରାହାରି ୩୦% ରୋଗ ନିୟନ୍ତ୍ରଣ ହେବା ସହିତ ୩୪% ଅମଳ ବୃଦ୍ଧି ପାଇଥିଲା ।

# କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୧୦୦ ଦିନିଆ କାର୍ଯ୍ୟକ୍ରମ










ଚଳିତ ବର୍ଷ ୧୦୦ ଦିନିଆ କାର୍ଯ୍ୟକ୍ରମ ମାଧମରେ ୫ଟି ଧନ୍ଦାମୂଳକ ତଥା ଦକ୍ଷତା ବୃଦ୍ଧି ତାଲିମ ଓ ୩ଟି ପ୍ରକୃତିକ କୃଷି ପଦ୍ଧତିର ପ୍ରଦର୍ଶନ କରାଯାଇଅଛି। ରାୟଗଡା ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ମହୁମାଛି ପାଳନ ସମ୍ବନ୍ଧୀୟ ଧନ୍ଦାମୂଳକ ତାଲିମରେ ୬୦ ଜଣ ଯୁବକ, ଯୁବତୀ ଓ ମୁନିଗୁଡା ବାଟେଲିୟନ- ୮ର ୨୦ ଜଣ କେନ୍ଦ୍ରୀୟ ସରଂକ୍ଷିତ ପୁଲିସ କର୍ମଚାରୀ ତାଲିମ ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଦ୍ୱାରା ଚଳିତ ବର୍ଷ ପ୍ରାକୃତିକ କୃଷି ପଦ୍ଧତିର ପ୍ରସାର ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ପରିପେକ୍ଷୀରେ ପିରିବା, ମାଝି କୁଡିଆ ଓ ନାଲପଣ୍ଡା ଗ୍ରାମରେ ଜୀବାମୃତ ଓ ବୀଜାମୃତ ପ୍ରସ୍ତୁତି ଓ ବ୍ୟବହାର ଉପରେ ତାଲିମ ଓ ପ୍ରଦର୍ଶନ କରଯାଇଥିଲା।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୬ତମପ୍ରତିଷ୍ଠା ଦିବସ ତା.୧୬.୦୭.୨୦୨୪ରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳିତ ହୋଇଅଛି। ଏହି ଅବସରରେ ପ୍ରଦର୍ଶନୀ, ପ୍ରାକୃତିକ କୃଷି ପଦ୍ଧତି ଯଥା ଜୀବାମୃତ ଓ ବୀଜାମୃତ ପ୍ରସ୍ତୁତି, କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

ପି. ଏମ୍ କିଷାନ ସମ୍ମାନ ଯୋଜନାରେ ଅଧିକରୁ ଅଧିକ ସଂଖ୍ୟାରେ କୃଷକଭାଇ ଓ ଭଉଣୀ ମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନ ମନ୍ତ୍ରୀଙ୍କ ଦ୍ବାରା ୧୭ତମ ତା ୧୮.୦୬.୨୦୨୪ ରିଖରେ ଓ ୧୮ତମ ସହାୟତା ରାଶି ତା ୦୫.୧୦.୨୦୨୪ ରିଖରେ ପ୍ରଦାନର ସିଧାପ୍ରସାରଣ କୃଷିବିଜ୍ଞାନ କେନ୍ଦ୍ରରେ ଅୟୋଜିତ ହୋଇଥିଲା। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନ - "କୃଷିରେ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ଦ୍ୱାରା ଚାଷୀ ଭାଇ ଓ ଭଉଣୀମାନଙ୍କର ଆର୍ଥିକ ଉନ୍ନତିସମ୍ଭବ, ହୃଦୟଙ୍ଗମ କରିଥିଲେ ।

ସ୍ବଚ୍ଛତା କ୍ୟାମ୍ପେନ ୪.୦ ଅବସରରେ ଚଳିତ ବର୍ଷ ତା. ୦୨.୧୦.୨୦୨୪ ରୁ ୩୧.୧୦.୨୦୨୪ ପର୍ଯ୍ୟନ୍ତ କୃଷିବିଜ୍ଞାନ କେନ୍ଦ୍ରଦ୍ବାରା ବିଭିନ୍ନ ଜନସାଧାରଣଙ୍କର ସ୍ଥାନ ଯଥା ଗ୍ରାମ ପରିସର, ସ୍କୁଲ ପରିସର, ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗ୍ରାମ ପରିବେଶ ପରିଷ୍କାର ରଖିବା ପାଇଁ ଗ୍ରାମବାସୀଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ ଗ୍ରାମ ପରିମଳ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରଯାଇଥିଲା । ଗୁଣୁପୁର ବ୍ଲକର ତୁର୍କାନିଗୁଡା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧରେ ସ୍ବଚ୍ଛତା ଉପରେ ରଚନା, ଚିତ୍ରାଙ୍କନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପୁରସ୍କାର ଦିଆଯାଇଥିଲା।










ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତୀ ମେଳା ୨୦୨୪ ଗୁଣୁପୁରର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆରେ ତା.୨୦.୧୨.୨୦୨୪ ରୁ ତା. ୨୨.୧୨.୨୦୨୪ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ, ଉନ୍ନତ କୃଷି ପଦ୍ଧତି, କୃଷି କାର୍ଯ୍ୟରେ ଶ୍ରମ ଲାଘବ ନିମନ୍ତେ ଯନ୍ତ୍ରପାତୀର ପ୍ରଦର୍ଶନୀ କରାଯାଇଥିଲା ଏବଂ ଜ୍ଞାନକୌଶଳକୁ ଅବଲମ୍ବନ କରି କୃଷିରେ ଆଗେଇବା ସକାଶେ ଗୁଣୁପୁର, ରାମନାଗୁଡା, ପଦ୍ମପୁର, ଗୁଡାରି ବ୍ଲକର ଚାଷୀ ଭାଇ ଓ ଭଉଣୀମାନଙ୍କୁ ପ୍ରଦର୍ଶନୀ ଦେଖିବାର ବ୍ୟବସ୍ଥା କରାଯାଇଥିଲା।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୪ ରାୟଗଡାର ରେଳ ବିଭାଗ ପରିସରରେ ତା.୧୯.୧୨.୨୦୨୪ ରୁ ତା. ୨୦.୧୨.୨୦୨୪ ପର୍ଯ୍ଯନ୍ତ ଆୟୋଜିତ ହୋଇଥିଲା। ଏଥିରେ କୃଷିବିଜ୍ଞାନ କେନ୍ଦ୍ର ଦ୍ବାରା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ,ଉନ୍ନତ କୃଷି ପଦ୍ଧତି, କୃଷି କାର୍ଯ୍ୟରେ ଶ୍ରମ ଲାଘବ ନିମନ୍ତେ ଯନ୍ତ୍ରପାତି, ଗାଈଗୋରୁମାନଙ୍କ ପାଇଁ ଘାସ ଜାତୀୟ ଗୋଖାଦ୍ୟ, ଉନ୍ନତ କିସମ କୁକୁଡା ପାଳନ ଓ ପରିଚାଳନା, ସୁସଂହତ ଚାଷର ନମୁନା ଏବଂ ଜଳବାୟୁ ମଣ୍ଡଳ ଉପଯୋଗୀ ବିଭିନ୍ନ କ୍ଷେତ ଫସଲ ଓ ଉଦ୍ୟାନ ଫସଲର ବିହନ ପ୍ରଦର୍ଶିତ ହୋଇଥିଲା ।

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୧୫.୧୦.୨୦୨୪ରିଖରେ ମହିଳା କିଶାନ ଦିବସ ରାମନଗୁଡା ବ୍ଲକ ଅଧିନସ୍ଥ ଅରମଡା ଗ୍ରାମରେ ପାଳନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ମହିଳାଙ୍କର ଅବଦାନ ଏବଂ ଶ୍ରମ ଲାଘବ ପାଇଁ ବିଭିନ୍ନ ଯନ୍ତ୍ରପାତି ତଥା ଅମଳ ବୃଦ୍ଧି ପାଇଁ ଉନ୍ନତ ବୈଜ୍ଞାନିକ କୌଶଳ ଉପରେ ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା।

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୧୬.୧୦.୨୦୨୪ରିଖରେ ବିଶ୍ୱ ଖାଦ୍ୟଦିବସ ରାମନଗୁଡା ବ୍ଲକ ଅଧିନସ୍ଥ ଗରଣ୍ଡା ଗ୍ରାମରେ ପାଳନ କରଯାଇଥିଲା । ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହିତ ଗୁଣାତ୍ମକ ଫସଲ ଉତ୍ପାଦନ କରିବା ଓ ସୁଷମ ଖାଦ୍ୟଖାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁସ୍ଥ ଜୀବନ ଯାପନ ପାଇଁ ସୁଷମ ଓ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ଉପରେ ଆଲୋଚନା କରଯାଇଥିଲା।

## କୃଷି ବିଜ୍ଞାନ କେନ୍ଦ୍ରର ପରିସରରେ ଉନ୍ନତ ମାନର ଧାନ, ମାଣ୍ଡିଆ, ଧନିଚା ଓ ଡାଲି ଜାତୀୟ ଫସଲର ବିହନ ଉତ୍ପାଦନ

ଧାନ,ମାଣ୍ଡିଆ,ଧନିଚା ଓ ଡାଲି ଜାତୀୟ ଫସଲର ଉନ୍ନତ ମାନର ବିହନ ଚାଷୀ ମାନଙ୍କୁ ସୁବିଧାରେ ଯୋଗାଇ ଦେବା ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା (ଗୁଣୁପୁର) ପରିସରରେ ମଧ୍ୟମ ଅବଧି ଓ ଅଧିକ ଅମଳକ୍ଷମ ଧାନ ଏମ. ଟି. ୟୁ .- ୧୧୫୬ ର ପ୍ରଜନନ ବିହନରୁ ପିଣ୍ଡ ବିହନ ୩ ହେକ୍ଟର ଜମିରେ ଉତ୍ପାଦନ କରଯାଇଅଛି। ଡାଲି ଜାତୀୟ ଫସଲ ହରଡ କିସମ ଏଲଆରଜି- ୫୨ ଓ ମଣ୍ଡିଆ କିସମ ଅର୍ଜୁନର ମଧ ବିହନ ଉତ୍ପାଦନ ହୋଇଅଛି।

## ଫସଲ ପରିବର୍ତ୍ତନ ପାଇଁ ଖରିଫ ଚକିକିଆ କାର୍ଯ୍ୟକ୍ରମ ମାଧ୍ୟମରେ ତୈଳ ବୀଜ କ୍ଷେତ୍ର ପ୍ରଦର୍ଶନ



ରାୟଗଡା ଜିଲ୍ଲାରେ ତୈଳବୀଜ ଜାତୀୟ ଫସଲ ମଧ୍ୟରେ ଚିନାବାଦାମ ଏକ ମୁଖ୍ୟ ଫସଲ ରୂପେ ପରିଗଣିତ ହୋଇଥାଏ। କିନ୍ତୁ ଆବଶ୍ୟକୀୟ ଜ୍ଞାନକୌଶଳ ଅଭାବ ଯୋଗୁଁ ସ୍ଥାନୀୟ ଚାଷୀମାନେ ଅପେକ୍ଷାକୃତ କମ ଲାଭବାନ ହୋଇଥାନ୍ତି। କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ଗୁଣୁପୁର, ପଦ୍ମପୁର, ରାମନଗୁଡା, ଗୁଡରି ଏବଂ ବିଷମ କଟକ ବ୍ଲକର ବିଭିନ୍ନ ଗ୍ରାମରେ ଚିନାବାଦାମ ଫସଲର ଆଗୁଆଧାଡି ପ୍ରଦର୍ଶନ କରଯାଇଥିଲା। ଏଥିରେ ଗ୍ରାମର 150 ଜଣ ଚାଷୀଙ୍କୁ ଚିନାବାଦାମ ବିହନ, ଜିପସମ ଏବଂ ଅବଶ୍ୟକତା ଅନୁସାରେ ରୋଗପୋକ ନିୟନ୍ତ୍ରଣ ପାଇଁ କୀଟନାଶକ ଓ ଜୀବନାଶକ ଯୋଗାଇ ଦିଆଯାଇଥିଲା । ସେମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ଚିନାବାଦାମ ଫସଲ ବିଷୟରେ ପ୍ରଶିକ୍ଷଣ ମଧ ଦିଆଯାଇଥିଲା। ଏଥିରେ ବିଭିନ୍ନ ଗ୍ରାମରେ କ୍ଷେତ୍ର ଦିବସର ଆୟୋଜନ କରଯାଇଥିଲା। ଏହି ଜ୍ଞାନକୌଶଳ ଉପଦେୟତା ବିଷୟରେ ପ୍ରାୟ 300 ଚାଷୀମାନଙ୍କୁ ଅବଗତ କରଯାଇଥିଲା। ଏହି ଚାଷ କରି ସେମାନେ ହେକ୍ଟର ପ୍ରତି ୨୦.୫ କୁଇଣ୍ଟାଲ ଅମଳ ପାଇଥିଲେ । ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଅବଲମ୍ବନ କରି ଅଧିକ ଜମିରେ ଚିନାବାଦାମ ଚାଷ କରିବା ପାଇଁ ସ୍ଥିର କରିଛନ୍ତି ।

## ଆଦିବାସୀ ଉପଯୋଜନା ମାଧ୍ୟମରେ ଚାଷୀ କ୍ଷେତରେ ଉନ୍ନତ କିସମ (ଏଲଆରଜି-୫୨)ର ବିହନ ଉତ୍ପାଦନର ଅଗାଧଡି କ୍ଷେତ୍ର ପ୍ରଦର୍ଶନ -

ଆଦିବାସୀ ଅଧ୍ୟୁଷିତ ଉଚ୍ଚା ଜମିରେ ଖରିଫ ଋତୁରେ ହରଡ ଏକ ପାରମ୍ପରିକ ଚାଷ ଅଟେ। କିନ୍ତୁ ଜଳବାୟୁର ପରିବର୍ତ୍ତନ ଓ କୌଳିକ ପଦ୍ଧତି ଅବଲମ୍ବନ କରୁଥିବାରୁ ଆଖିଦୃଶିଆ ଲାଭ ହୋଇପାରୁ ନାହିଁ। ବର୍ଷ ବର୍ଷ ଧରି ଦେଶୀ ବିହନରବ୍ୟବହାର ଓ ରୋଗ ପୋକ ପରିଚାଳନର ଅଜ୍ଞାନତା ଯୋଗୁଁ ସମୟ ସମୟରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ଦେବାପାଇଁ ଚଳିତ ବର୍ଷ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ହାଡୁଗୁଡା, ଶ୍ରୀରାମପୁର, ଗରଣ୍ଡା, ବୁଟିଙ୍ଗ, ନାଲପଣ୍ଡା, ଫେରିବା, ଭାରସିଙ୍ଗ ଆଦି ଗ୍ରାମରେ ପ୍ରାୟ ୮୮ଜଣ ଚାଷୀଙ୍କୁ ହରଡ କିସମ (ଏଲଆରଜି- ୫୨)ର ପିଣ୍ଡ ବିହନ ଯୋଗାଇ ଦିଆଯାଇଥିଲା । ଏହି ଆଗ ଧାଡି ପ୍ରଦର୍ଶନ ମାଧ୍ୟମରେ ବିହନ ଉତ୍ପାଦନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଗ ପୋକର ସୁସଂହତ ପରିଚାଳନା ପାଇଁ ମକାକୁ ସୀମା ଫସଲ ହିସାବରେ ଲଗାଇବା, ହେକ୍ଟର ପ୍ରତି ୫୦ଟି ହଳଦିଆ ଅଠାଳିଆ ଯନ୍ତା, ହେକ୍ଟର ପ୍ରତି ୨୦ଟି ଫେରୋମୋନ ଯନ୍ତା ଓ ଦେହଳୀ ସୀମା ଅନୁଧାନ କରି ଜଉ ପୋକ ପରିଚାଳନା ପାଇଁ ଇମିଡାକ୍ଲୋପ୍ରିଡ ହେକ୍ଟର ପ୍ରତି ୧୫୦ ମି. ଲି. ଏବଂ ଛୁଇଁବିନ୍ଧା ପୋକ ପାଇଁ ଆଜାଡିରାକଟୀନ ହେକ୍ଟର ପ୍ରତି ୧.୫ ଲିଟର,ଏବଂ ଫ୍ଲୁବେଣ୍ଡାମାଇଡ ହେକ୍ଟର ପ୍ରତି ୨୦୦ ମି. ଲି. ପ୍ରୟୋଗ କରିଥିଲେ । ଏହି କିସମର ଅଧିକ ବ୍ୟବହାର ଉଦ୍ଦ୍ୟେଶରେ ଚାଷୀମାନଙ୍କୁ ଅବଗତ କରିବା ପାଇଁ ତାଲିମ ଓ କ୍ଷେତ୍ର ଦିବସ ଆୟୋଜିତ କରାଯାଇଅଛି। ବିହନ ଉତ୍ପାଦନ ତଥା ବିକ୍ରୟ ନିମନ୍ତେ ଉକ୍ତ ଚାଷୀମାନଙ୍କୁ ଶୁଷ୍କ ମଣ୍ଡଳୀୟ ଆନ୍ତର୍ଜାତୀୟ କୃଷି ଗବେଷଣା କେନ୍ଦ୍ରର କାର୍ଯ୍ୟକ୍ରମ ସହିତ ସଂଯୋଗ କରାଯାଇଅଛି ।

## ଲଙ୍କା ଫସଲରେ ଶୋଷକ ପୋକ ପରିଚାଳନାର କ୍ଷେତ୍ର ଦିବସ -

ଲଙ୍କା ଫସଲରେ ବିଭିନ୍ନ ପ୍ରକାରର ଶୋଷକ ପୋକ କ୍ଷତି କରିଥାନ୍ତି। ଏହି ପ୍ରକାର କୀଟଗୁଡିକ ପତ୍ରରୁ ରସ ଶୋଷି ଖାଇଥାନ୍ତି । ତେଣୁ ଲଙ୍କା ଫସଲରେ ପ୍ରାୟ ୨୦-୩୦ % ଅମଳ କେବଳ ଶୋଷକ କୀଟମାନଙ୍କ ଦ୍ୱାରା କମିଯାଏ । ସେଥିପାଇଁ ଲଙ୍କା ଫସଲରେ ଏହାର ଆକ୍ରମଣରୁ ରକ୍ଷା କରିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର , ରାୟଗଡା ତରଫରୁ ଚଳିତ ବର୍ଷ ଖରିଫ ଋତୁରେ ଲଙ୍କା ଫସଲରେ ଶୋଷକ ପୋକ ପରିଚାଳନା ଉପରେ ରାମନାଗୁଡା ବ୍ଲକରନାଲପଣ୍ଡା,ପାଣ୍ଡରାଝୋଲି, ଏରାଗୁଡା, ଉକୁମ୍ବାଗୁଡା ଏବଂ ଗୁଗୁରପାଙ୍ଗ ଗ୍ରାମରେ କ୍ଷେତ୍ର ପ୍ରଦର୍ଶନ କରଯାଇଥିଲା। ମାଟିରେ ହେକ୍ଟର ପ୍ରତି ୨.୫ କୁଇଣ୍ଟାଲ ନିମ୍ବ ପିଡିଆ ପ୍ରୟୋଗ, ହେକ୍ଟର ପ୍ରତି ୫୦ଟି ନୀଳ ଅଠାଳିଆ ଯନ୍ତା ବ୍ୟବହାର ଏବଂ ଚାରା ଲଗାଇବାର ୩୦ ଦିନ ପରଠାରୁ ଡାଇଫେନଥିଉରନ ୫୦ ଡବ୍ଲୁ. ପି. ଓ ସ୍ପାଇରୋମେସିଫେନ ୨୪୦ ଏସ. ସି. ହେକ୍ଟର ପ୍ରତି ୫୦୦ ମି. ଲି. ପ୍ରତି ଦଶ ଦିନ ଅନ୍ତରରେ ପ୍ରୟୋଗ କରିବା ଦ୍ବାରା ପୋକର ଆକ୍ରମଣ ୩୭ % କମିଥିଲା ଚାଷୀଭାଇମାନେ ପୂର୍ବାପେକ୍ଷା ୩୨% ଅଧିକ ଅମଳ ପାଇଥିଲେ । ଏହି ଜ୍ଞାନକୌଶଳକୁ କ୍ଷେତ୍ର ଦିବସ ମାଧମରେ ଗୁଗୁରପାଙ୍ଗ ଓ ଏହାର ଆଖପାଖ ଗ୍ରାମର ଚାଷୀ ଭାଇ ଭଉଣୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଅଛି।

**ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା**

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା
ମୁଖ୍ୟ ସମ୍ପାଦକ : ଡ. ସୁସ୍ମିତା ମହାନ୍ତି
ସହଯୋଗ: ଶ୍ରୀ ରାଜୀବ ଟୁଡୁ , ଡ. ନାରାମ ରାମୁ, ଶ୍ରୀ ପରିମଳ ତରାଇ, ଶ୍ରୀମତୀ ମଧୁମିତା ଷଡଙ୍ଗୀ, ସୁଶ୍ରୀ ହେମାଦ୍ରି ବାଗ, ଶ୍ରୀମତୀ ସୁମିତ୍ରା ମହାନ୍ତି, ଶ୍ରୀମତୀ ଗୀତାଞ୍ଜଳି ଦାସ ଏବଂ ଶ୍ରୀ ସୃଚିତ ସୋରେଙ୍ଗ

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା
ଗୁଣୁପୁର : ୭୬୫୦୨୨, ରାୟଗଡା, ଓଡିଶା
ଫୋନ : ୦୬୭୫୭- ୨୫୦୨୫୫
email kvk.rayagada@ouat.ac.in
kvkrayagada.ouat@gmail.com